# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 2 August - 2024

### News Editor : Itishree Singh Rathaur

**************************************

## ମୁଖ୍ୟ ସମ୍ବାଦ

- ଯୁବପିଢ଼ିଙ୍କ ଶକ୍ତିକୁ ଗଠନମୂଳକ କାର୍ଯ୍ୟରେ ନିୟୋଜିତ କରାଗଲେ ଯୁବ ନେତୃତ୍ୱାଧୀନ ବିକାଶ ତ୍ୱରାନ୍ୱିତ ହେବ କହିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

– ରାଷ୍ଟ୍ରପତି ଭବନରେ ଦୁଇଦିନିଆ ରାଜ୍ୟପାଳ ସମ୍ମିଳନୀକୁ କଲେ ଉଦ୍‌ଘାଟନ

- ଜବରଦଖଲ ଜଙ୍ଗଲ ଜମିର ପୁନରୁଦ୍ଧାର ପାଇଁ ସରକାର ବ୍ୟାପକ କାର୍ଯ୍ୟକ୍ରମ ପ୍ରସ୍ତୁତ କରୁଥିବା ସୂଚନା ଦେଲେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ

- ପ୍ୟାରିସ୍ ଅଲିମ୍ପିକ୍ସର ପୁଲ୍ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ୩-୨ ଗୋଲ୍‌ରେ ପରାସ୍ତ କଲା ଭାରତ

ଏବଂ

- ଲଘୁଚାପରେ ପରିଣତ ହେଲା ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟାକାରେ ସକ୍ରିୟ ଘୂର୍ଣ୍ଣିବଳୟ; ପ୍ରବଳ ବର୍ଷା ହେବା ନେଇ ରାଜ୍ୟର ୬ଟି ଜିଲ୍ଲାକୁ ସତର୍କ ସୂଚନା

*PIB*

## ରାଜ୍ୟପାଳ ସମ୍ମିଳନୀ

ଯୁବପିଢ଼ିଙ୍କ ଶକ୍ତିକୁ ସକାରାତ୍ମକ ଓ ଗଠନମୂଳକ କାର୍ଯ୍ୟରେ ନିୟୋଜିତ କରାଗଲେ ଯୁବ ନେତୃତ୍ୱାଧୀନ ବିକାଶ ଅଧିକ ତ୍ୱରାନ୍ୱିତ ହେବ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ରାଷ୍ଟ୍ରପତି ଭବନରେ ଆଜି ଦୁଇ ଦିନିଆ ରାଜ୍ୟପାଳ ସମ୍ମିଳନୀକୁ ଉଦ୍‌ଘାଟନ କରିବା ଅବସରରେ ଶ୍ରୀମତୀ ମୁର୍ମୁ କହିଛନ୍ତି, ସୀମାବର୍ତ୍ତୀ ଅଞ୍ଚଳ, ବଞ୍ଚିତ ବର୍ଗ ଅଞ୍ଚଳର ବିକାଶ ଏବଂ ବିକାଶ ଯାତ୍ରାରେ ପଛୁଆ ଥିବା ଲୋକଙ୍କ ବିକାଶକୁ କେନ୍ଦ୍ର ସରକାର ସର୍ବାଧିକ ପ୍ରାଥମିକତା ଦେଉଛନ୍ତି। ଅନୁସୂଚିତ ଜନଜାତି ଅଞ୍ଚଳରେ ଆଦିବାସୀ ଜନସଂଖ୍ୟାର ଏକ ବଡ଼ ଅଂଶ ବସବାସ କରନ୍ତି। ଏହି ଅଞ୍ଚଳର ଜନସାଧାରଣଙ୍କ ସାମଗ୍ରୀକ ବିକାଶ ପାଇଁ ଦୃଷ୍ଟି ଦେବାକୁ ରାଜ୍ୟପାଳମାନଙ୍କୁ ରାଷ୍ଟ୍ରପତି ଅନୁରୋଧ କରିଛନ୍ତି। ସେ କହିଛନ୍ତି, ଗୁଣାତ୍ମକ ଉଚ୍ଚଶିକ୍ଷା ଏକ ଅତୁଳନୀୟ ସମ୍ପତ୍ତି। ଏହା ବ୍ୟକ୍ତିଗତ ବିକାଶ ଓ ସାମାଜିକ ପରିବର୍ତ୍ତନ ସହ ଅର୍ଥନୈତିକ ପ୍ରଗତିକୁ ପ୍ରୋତ୍ସାହିତ କରିଥାଏ। ଜାତୀୟ ଶିକ୍ଷାନୀତିରେ ଶିକ୍ଷାନୁଷ୍ଠାନଗୁଡ଼ିକର ମାନ୍ୟତା ଏବଂ ମୂଲ୍ୟାୟନ ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ରାଷ୍ଟ୍ରପତି ଗୁରୁତ୍ୱାରୋପ କରିଛନ୍ତି। ଏଥିସହ ରାଜ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକର କୁଳପତି ଭାବେ ରାଜ୍ୟପାଳ ମାନେ ସଂସ୍କାର ପ୍ରକ୍ରିୟାରେ ଯୋଗଦେବାକୁ ଅନୁରୋଧ କରିଛନ୍ତି। 'ଏକ

ଭାରତ, ଶ୍ରେଷ୍ଠ ଭାରତ' ଅଭିଯାନ ବିଭିନ୍ନ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳର ଲୋକଙ୍କୁ ପରସ୍ପର ସହ ଯୋଡ଼ି ରଖିବାରେ ସକ୍ଷମ କରିଛି ବୋଲି ରାଷ୍ଟ୍ରପତି କହିଛନ୍ତି। ଏହି ଉଦ୍‌ଘାଟନୀ ଉତ୍ସବରେ ଉପ ରାଷ୍ଟ୍ରପତି ଜଗଦୀପ ଧନଖଡ଼, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ରାଜ୍ୟପାଳମାନେ ଉପସ୍ଥିତ ଥିଲେ।

***GNR***

## ଆୟୁଷ୍ମାନ କାର୍ଡ

କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ର ମନ୍ତ୍ରୀ ପ୍ରତାପ ରାଓ ଯାଦବ ଲୋକସଭାରେ କହିଛନ୍ତି, ଚଳିତ ବର୍ଷ ଜୁନ୍ ୩୦ ସୁଦ୍ଧା ଆୟୁଷ୍ମାନ ଭାରତ, ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନାରେ ୩୪ କୋଟିରୁ ଅଧିକ ଆୟୁଷ୍ମାନ କାର୍ଡ କରାଯାଇଛି। ଦେଶରେ ଡେଙ୍ଗୁ ସ୍ଥିତି ନେଇ ସେ କହିଛନ୍ତି, ଆଜି ପର୍ଯ୍ୟନ୍ତ ୩୨ ହଜାର ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସରକାର ନିୟମିତ ଭାବରେ ସ୍ଥିତିର ସମୀକ୍ଷା କରିବା ସହ ଡେଙ୍ଗୁକୁ ପ୍ରତିହତ କରିବା ପାଇଁ ପଦକ୍ଷେପ ନେଉଛନ୍ତି।

***BBSR***

## ଜବରଦଖଲରେ ଜଙ୍ଗଲ

ଜବର ଦଖଲ ଜଙ୍ଗଲ ଜମିର ପୁନରୁଦ୍ଧାର ପାଇଁ ରାଜ୍ୟ ସରକାର ବ୍ୟାପକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛନ୍ତି ବୋଲି ପ୍ରଧାନ ମୁଖ୍ୟ ବନ ସଂରକ୍ଷକ-ପିସିସିଏଫ୍ ସୁଶାନ୍ତ ନନ୍ଦ କହିଛନ୍ତି।

ସୂଚନା ଅନୁସାରେ, ରାଜ୍ୟରେ ୪୦୫ ଦଶମିକ ଶୂନ/୮ ବର୍ଗ କିଲୋମିଟର ଜଙ୍ଗଲ ଜମି ବର୍ତ୍ତମାନ ଜବରଦଖଲରେ ରହିଛି। ଦକ୍ଷିଣ ଓଡ଼ିଶାର କେତେକ ଜିଲ୍ଲାରେ ୭୨ ପ୍ରତିଶତ ଅଂଚଳ ସମ୍ପୂର୍ଣ୍ଣ ଜବରଦଖଲରେ ରହିଥିବା ପିସିସିଏଫ୍‌ଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।

ଚଳିତବର୍ଷ ଏପ୍ରିଲ୍ ମାସରେ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ୍-ଏନ୍‌ଜିଟି ଦେଶରେ ଜଙ୍ଗଲ ଜମିରେ ଜବରଦଖଲ ଯାଞ୍ଚ ପାଇଁ ପ୍ରକ୍ରିୟା ଆରମ୍ଭ କରିଥିଲେ। ଏନ୍‌ଜିଟି ପକ୍ଷରୁ ରାଜ୍ୟ ସରକାରମାନଙ୍କୁ ଜମି ଜବରଦଖଲ ବାବଦରେ ସବିଶେଷ ତଥ୍ୟ ଦେବା ପାଇଁ କୁହାଯାଇଥିଲା।

***I&PR***

# ବିଭିନ୍ନ ଯୋଜନାର ସମୀକ୍ଷା

ଭୁବନେଶ୍ୱର ସ୍ଥିତ ମିଶନ ଶକ୍ତି ଭବନରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବିଭାଗର ବିଭିନ୍ନ ଯୋଜନା ଓ କାର୍ଯ୍ୟକଳାପର ସମୀକ୍ଷା କରିଛନ୍ତି। ବୈଠକରେ ଶ୍ରୀମତୀ ପରିଡ଼ା ମିଶନ ଶକ୍ତି ଜରିଆରେ ମହିଳାଙ୍କର ସଶକ୍ତିକରଣ ତଥା ଓ ସାମାଜିକ ଅର୍ଥନୈତିକ ବିକାଶ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ।

***I&PR***

# ଉଚ୍ଚସ୍ତରୀୟ କମିଟି ବୈଠକ

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ଲୋକସେବା ଭବନରେ ଭିତ୍ତିଭୂମି ବିକାଶ ସମ୍ବନ୍ଧିତ ରାଜ୍ୟସ୍ତରୀୟ କ୍ଷମତା ପ୍ରାପ୍ତ କମିଟିର ୬୨ତମ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ବାଣିଜ୍ୟ ଓ ପରିବହନ, ସ୍ୱାସ୍ଥ୍ୟ ଓ ପରିବାର

କଲ୍ୟାଣ, କୃଷି, ଜଙ୍ଗଲ ଓ ପରିବେଶ ବିଭାଗ ସମ୍ପର୍କିତ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଅଗଗ୍ରତି ସମ୍ପର୍କରେ ଆଲୋଚନା ହୋଇଥିଲା। ମୁଖ୍ୟ ଶାସନ ସଚିବ ଭିତ୍ତିଭୂମି ପ୍ରକଳ୍ପ ପ୍ରସ୍ତାବ ଏବଂ କାର୍ଯ୍ୟାନ୍ୱୟନ ସ୍ଥିତିରେ ଥିବା ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମୀକ୍ଷା କରିବା ସହ ପରବର୍ତ୍ତୀ ପଦକ୍ଷେପ ଲାଗି ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ସମେତ ବିଭିନ୍ନ ବିଭାଗର ସଚିବମାନେ ଅଂଶଗ୍ରହଣ କରିଥିଲେ।

***Desk***

# ପ୍ୟାରିସ୍ ଅଲିମ୍ପିକ୍ସ

ପ୍ୟାରିସ୍ ଅଲିମ୍ପିକ୍ସରେ ପୁଲ୍-ବି' ମ୍ୟାଚ୍‌ରେ ଭାରତୀୟ ଦଳ ୩-୨ ଗୋଲ୍‌ରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ୧୯୭୨ ମସିହା ପରେ ପ୍ରଥମଥର ପାଇଁ ଭାରତ' ଅଷ୍ଟ୍ରେଲିଆକୁ ପରାସ୍ତ କରିଥିବା ଜଣାପଡ଼ିଛି। ଭାରତ ପକ୍ଷରୁ ଅଭିଷେକ ଏବଂ ହରମନପ୍ରୀତ ସିଂଙ୍କ ଗୋଲ୍ ଦଳକୁ ଜିତାଇବାରେ ସାହାଯ୍ୟ କରିଥିଲା।

***I&PR***

# ପର୍ବତାରୋହୀ ବିଭାରାଣୀ ପାତ୍ର

ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ପର୍ବତାରୋହୀ ବିଭାରାଣୀ ପାତ୍ର ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଭାରାଣୀଙ୍କୁ ଆରୋହଣ ପାଇଁ ଶୁଭେଚ୍ଛା ଜଣାଇବା ସହ ତାଙ୍କ ସଫଳତା କାମନା କରିଛନ୍ତି। ସୂଚନା ଅନୁସାରେ, ବିଭାରାଣୀ ଆସନ୍ତା ୬ ତାରିଖରୁ ରୁଷିଆ ଓ ୟୁରୋପର ଉଚ୍ଚତମ ଶୃଙ୍ଗ ମାଉଣ୍ଟ ଏଲବ୍ରସ୍ ଆରୋହଣ ପାଇଁ ଅଭିଯାନ ଆରମ୍ଭ

କରୁଛନ୍ତି । ୨୦୧୯ ମସିହାରେ ସେ ଲେହ ଲଦାଖର ମାଉଣ୍ଟ ଷ୍ଟକ୍‌କଂଗ୍ରୀ ଓ ୨୦୨୩ରେ ଆଫ୍ରିକାର ମାଉଣ୍ଟ କିଲ୍ ମାଞ୍ଜାରୋ ଆରୋହଣ କରି ସୁନାମ ଅର୍ଜନ କରିଥିଲେ ।

***Gajapati***

## ଚାଷୀ ପଞ୍ଜୀକରଣ

ଗଜପତି ଜିଲ୍ଲାରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଖରିଫ ଧାନ କ୍ରୟ ପାଇଁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରଚାର ରଥକୁ ଜିଲ୍ଲାପାଳ ଶୁଭାରମ୍ଭ କରିଛନ୍ତି । ଏହି ରଥ ସମସ୍ତ ବ୍ଲକରେ ପ୍ରଚାର ଓ ପ୍ରସାର କରି ଜିଲ୍ଲାରେ ଥିବା ମୋଟ ୪୫ଟି କେନ୍ଦ୍ରରେ ଚାଷୀମାନଙ୍କୁ ପଞ୍ଜୀକରଣ ପାଇଁ ସଚେତନତା ସୃଷ୍ଟି କରିବ । ପଞ୍ଜୀକରଣ ପାଇଁ ଇଚ୍ଛୁକ ଚାଷୀମାନେ ସେମାନଙ୍କ ଆବେଦନ ଫର୍ମ ସହିତ ଆବଶ୍ୟକୀୟ କାଗଜପତ୍ର ନକଲ ଦାଖଲ କରିବାକୁ ଅନୁରୋଧ କରାଯାଇଛି ।

***Boudh***

## ସରପଞ୍ଚ ପଦବୀ ନିର୍ବାଚନ

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ସରପଞ୍ଚ ପଦବୀ ନିର୍ବାଚନକୁ ହାଇକୋର୍ଟଙ୍କ ଦ୍ୱାରା ଅସିଦ୍ଧ ଘୋଷଣା କରାଯିବା ପରେ ଜିଲ୍ଲାପାଳ ସରପଞ୍ଚଙ୍କୁ ପଦଚ୍ୟୁତ କରିଛନ୍ତି । ଏଥିସହ ପରବର୍ତ୍ତୀ ନିର୍ବାଚନ ପର୍ଯ୍ୟନ୍ତ ନାଏବ ସରପଞ୍ଚ ରବି ଚନ୍ଦ୍ର ମହାକୁଡ଼ଙ୍କୁ ସରପଞ୍ଚ ଦାୟିତ୍ୱ ପ୍ରଦାନ କରିଛନ୍ତି । ସୂଚନାଯୋଗ୍ୟ, ଗତ ୨୦୨୨ରେ ଅନୁଷ୍ଠିତ ପଞ୍ଚାୟତ ନିର୍ବାଚନରେ ସୁନୀତା ମାଝୀ ଖୁଣ୍ଟିଗୋରା ପଞ୍ଚାୟତ ସରପଞ୍ଚଭାବେ ବିଜୟ

ଲାଭ କରିଥିଲେ । ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଶ୍ରୀମତୀ ମାଝୀଙ୍କ ତିନୋଟି ସନ୍ତାନ ଥିବା ଅଭିଯୋଗ କରି କୋର୍ଟରେ ମାମଲା ରୁଜୁ କରିଥିଲେ ।

*HS*

## ଭୂ-ସ୍ଖଳନ-ଓଡ଼ିଆ ଡାକ୍ତର

କେରଳର ୱାୟନାଡରେ ଘଟିଥିବା ଭୂ-ସ୍ଖଳନରେ ପ୍ରାଣ ହରାଇଥିବା ଓଡ଼ିଆ ଡାକ୍ତର ବିଷ୍ଣୁପ୍ରସାଦ ଚିନାରାଙ୍କ ମୃତଦେହ ଆଜି ଓଡ଼ିଶା ଅଣାଯାଉଛି । ସଡ଼କ ପଥରେ ଆମ୍ବୁଲାନ୍ସରେ ତାଙ୍କ ମରଶରୀର ଓଡ଼ିଶା ଅଣାଯାଉଥିବା ସୂଚନା ମିଳିଛି । ଡାକ୍ତର ବିଷ୍ଣୁପ୍ରସାଦଙ୍କ ପାର୍ଥିବଶରୀର ତାଙ୍କ ପୈତୃକ ଗ୍ରାମ ପୁରୀ ଜିଲ୍ଲା ଗୋପ ବ୍ଲକ ଅନ୍ତର୍ଗତ ପରାଳ ଗ୍ରାମକୁ ନିଆଯିବ । ସେଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ ।

ଅନ୍ୟପକ୍ଷରେ, ବିଷ୍ଣୁପ୍ରସାଦଙ୍କ ପତ୍ନୀ ପ୍ରିୟଦର୍ଶିନୀ ପାଲ ଗୁରୁତର ଅବସ୍ଥାରେ କେରଳର ଏକ ହସ୍ପିଟାଲରେ ଚିକିତ୍ସାଧିନ ଅଛନ୍ତି । ଅନ୍ୟ ଜଣେ ଡାକ୍ତର ସ୍ୱୀକୃତୀ ମହାପାତ୍ର ଗୁରୁତର ଥିବା ବେଳେ ନିଖୋଜ ଥିବା ଡାକ୍ତର ସ୍ୱାଧିନ ପଣ୍ଡାଙ୍କ ଏଯାଏଁ ପତ୍ତା ମିଳିନାହିଁ । ସୂଚନାଯୋଗ୍ୟ, କେରଳର ୱାୟନାଡ ଜିଲ୍ଲାରେ ସୋମବାର ରାତିରେ ଭୂ-ସ୍ଖଳନ ଘଟିବା ପରେ ଓଡ଼ିଶାର ଦୁଇ ଡାକ୍ତର ନିଖୋଜ ଥିବା ଜଣାପଡିଥିଲ ।

*Desk*

## ପରଲୋକ

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମ୍ବାଦିକ ଓ ଗଣଯୋଗାଯୋଗ ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରଦୀପ ମହାପାତ୍ରଙ୍କର ଗତକାଲି ରାତିରେ ପରଲୋକ ହୋଇଛି । ଦୀର୍ଘ ୪ ଦଶନ୍ଧୀ ଧରି ସ୍ୱର୍ଗତଃ ମହାପାତ୍ର ସାମ୍ବାଦିକତା

ବିଭାଗରେ ଶିକ୍ଷାଦାନ କରିବା ସହିତ ଓଡ଼ିଆ ଭାଷାର ସମୃଦ୍ଧି ପାଇଁ ତାଙ୍କ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଉଦ୍ୟମ ଜାରି ରଖିଥିଲେ। ଆଜି ବ୍ରହ୍ମପୁରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

***Dhenkanal***

## ଫାଇଲେରିଆ ଔଷଧ ବଣ୍ଟନ

ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆଜି ଫାଇଲେରିଆ ରୋଗର ଔଷଧ ସେବନ, ମ୍ୟାଲେରିଆ ଓ ଡେଙ୍ଗୁ ରୋଗର ନିରାକରଣ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆସନ୍ତା ୧୦ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ଫାଇଲେରିଆ ଔଷଧ ବଣ୍ଟନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ବିଭିନ୍ନ ସରକାରୀ, ବେସରକାରୀ ସ୍କୁଲ, କଲେଜ ଓ ଘରକୁ ଘର ବୁଲି ଅଙ୍ଗନବାଡ଼ି କର୍ମୀ, ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀମାନେ ଏହି ଔଷଧ ବଣ୍ଟନ କରିବେ।

***Boudh***

## ଡେଙ୍ଗୁ ସଚେତନତା

ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାସ୍ତରୀୟ ଡେଙ୍ଗୁ ନିବାରଣ ମାସ ପାଳନ ଓ ଅର୍ନ୍ତବିଭାଗୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ଡେଙ୍ଗୁ ଓ ମ୍ୟାଲେରିଆ ପ୍ରତିରୋଧ ପାଇଁ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ସୂଚନା ଅନୁଯାୟୀ, ଗତମାସରେ ଜିଲ୍ଲାପରେ ୬୦୧ ଜଣ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଥିବା ବେଳେ ଜଣଙ୍କର ମୃତ୍ୟୁ ହୋଇଥିଲା। ସେହିଭଳି ୧୬

ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ । ଜିଲ୍ଲାକୁ ମ୍ୟାଲେରିଆ ଓ ଡେଙ୍ଗୁ ମୁକ୍ତ କରିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ।

***MET***

# ପାଣିପାଗ

ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟାକା ଏବଂ ଦକ୍ଷିଣ ବାଂଲାଦେଶ ନିକଟରେ ସକ୍ରିୟ ଘୂର୍ଣ୍ଣିବଳୟ ଆଜି ଲଘୁଚାପରେ ପରିଣତ ହୋଇଛି । ଆଗାମୀ ୨୪ ଘଣ୍ଟା ମଧ୍ୟରେ ଏହା ଆହୁରି ଘନୀଭୂତ ହୋଇ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବରଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, ସମ୍ବଲପୁର ଓ କେନ୍ଦୁଝର ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଏହିସବୁ ଜିଲ୍ଲାଗୁଡ଼ିକ ପାଇଁ ସତର୍କ ସୂଚନା ଜାରି କରାଯାଇଛି ।

********************************